# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**28 August - 2024**

**News Editor : *Itishree Singh Rathaur***

## ଏସ୍ଆଇଟି ବୈଠକ

କଳାଧନ ସମ୍ପର୍କିତ ଏସ୍ଆଇଟି ବୈଠକ ଆଜି ଅଧ୍ୟକ୍ଷ ଜଷ୍ଟିସ ଅରଜିତ ପଶାୟତଙ୍କର ଅଧ୍ୟକ୍ଷତାରେ କଟକଠାରେ ଅନୁଷ୍ଠିତ ହେବ । ବୈଠକରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, ଗୁଇନ୍ଦା ବିଭାଗ, ଆୟକର, ବାଣିଜ୍ୟକର, ପୋଲିସ ଏବଂ ଆର୍ଥିକ ଅପରାଧ ନେଇ ତଦନ୍ତ କରୁଥିବା ବିଭିନ୍ନ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଯୋଗଦେବେ । ସୂଚନାଯୋଗ୍ୟ ଇଡି ନିର୍ଦ୍ଦେଶକ ରାହୁଲ ନବୀନ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ଗତକାଲି ଭୁବନେଶ୍ୱରରେ ପହଞ୍ଚିଛନ୍ତି ।

## ଏମ୍ବିବିଏସ୍ କାଉନ୍ସେଲିଂ

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଆଜିଠାରୁ କାଉନ୍ସେଲିଂ ଆରମ୍ଭ ହେଉଛି । ଏମ୍ବିବିଏସ୍ ଏବଂ ବିଡିଏସ୍ ସହିତ ଅନ୍ୟ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି କାଉନ୍ସେଲିଂ ହେଉଛି ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀମାନଙ୍କର ଆଜି କାଉନ୍ସେଲିଂ ହେବ । ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ କାର୍ଯ୍ୟାଳୟରେ ଏହି କାଉନ୍ସେଲିଂ କରାଯିବ ।

# ଆପାର୍ଟମେଣ୍ଟ ଭଙ୍ଗାଯିବ

ଭୁବନେଶ୍ୱରରେ ବେଆଇନ୍ ଭାବେ ଗଢ଼ାଯାଇଥିବା ୧୯୧ଟି ଆପାର୍ଟମେଣ୍ଟକୁ ଭଙ୍ଗାଯିବବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ବିଧାନସଭାରେ ଗତକାଲି ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି ୪୯୧ଟି ଆପାର୍ଟମେଣ୍ଟ ବିରୁଦ୍ଧରେ ମାମଲା ରୁଜୁ ହୋଇଛି । ଏହାମଧ୍ୟରୁ ୬୩ଟି ମାମଲା ଖାରଜ ହୋଇଥିବାବେଳେ ୨୩ଟି ମାମଲା ବିଚାରାଧୀନ ରହିଛି ।

## ବନ୍ୟପ୍ରାଣୀ ହତ୍ୟା ଓ ଚୋରାଚାଲାଣ

ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ୨ହଜାର ୮ଶହ ଅଣସ୍ତରୀଟି ବନ୍ୟପ୍ରାଣୀଙ୍କୁ ହତ୍ୟା ଓ ଚୋରାଚାଲାଣ କରାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ବିଧାନସଭାରେ କହିଛନ୍ତି । ବନ୍ୟପ୍ରାଣୀ ଆଇନ୍ ଅନୁସାରେ ଅପରାଧୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୬ହଜାର ୯୬୦ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି ।

# ପରିବେଶ ପ୍ରଦୂଷଣ-କାର୍ଯ୍ୟାନୁଷ୍ଠାନ

ପରିବେଶ ପ୍ରଦୂଷଣ ପାଇଁ ଗତ ୩ ବର୍ଷ ମଧ୍ୟରେ ରାଜ୍ୟର ୭୬ଟି ଶିଳ୍ପସଂସ୍ଥା ଉପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବିଧାନସଭାରେ ତଥ୍ୟରଖି ବିଭାଗୀୟ ମନ୍ତ୍ରୀ ଗଣେଶ ରାମସିଂହ ଖୁଣ୍ଟିଆ କହିଛନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ, ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ୍-୧୯୭୪ ଓ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଆଇନ୍ ୧୯୮୧ର ବିଭିନ୍ନ ନିୟମ ଆଧାରରେ ରାଜ୍ୟ ସରକାର ଏହି ପଦକ୍ଷେପ ନେଉଛନ୍ତି ।

# ପୋଖରୀ ଖନନ

ରାଜ୍ୟରେ ଥିବା ଜଳକ୍ଳିଷ୍ଟ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଜଳଧାରା ବା କ୍ଷେତ ପୋଖରୀ ଖନନ କରାଯିବ । ଅଣଜଳସେଚିତ ଚାଷଜମିଗୁଡ଼ିକୁ ଚିହ୍ନଟ କରାଯାଇ ଏହି ପ୍ରକ୍ରିୟାରେ ସାମିଲ କରାଯିବ ବୋଲି କୃଷି ଭବନରେ ଅନୁଷ୍ଠିତ ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପ ଅଧୀନରେ ମାଲକାନଗିରି, କୋରାପୁଟ, ବଲାଙ୍ଗୀର, ନୂଆପଡା, ବରଗଡ ଓ କଳାହାଣ୍ଡି ଜିଲ୍ଲାର ଚାଷୀ ଏଥିରେ ଉପକୃତ ହେବେ ।

# ଏମ୍‌ବିବିଏସ୍ କାଉନ୍‌ସେଲିଂ

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ଲାଗି ଆଜିଠାରୁ କାଉନ୍‌ସେଲିଂ ଆରମ୍ଭ ହେଉଛି । ଏମ୍‌ବିବିଏସ୍ ଏବଂ ବିଡିଏସ୍ ସହିତ ଅନ୍ୟ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି କାଉନ୍‌ସେଲିଂ ହେଉଛି ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟରେ ସ୍ଥାନ ପାଇଥିବା ଛାତ୍ରଛାତ୍ରୀମାନଙ୍କର ଏହି କାଉନ୍‌ସେଲିଂ ହେବ । ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଜେଇଇ କାର୍ଯ୍ୟାଳୟରେ ଏହି କାଉନ୍‌ସେଲିଂ କରାଯିବ ।

# +୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା

ଯୁକ୍ତ ତିନି ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅବଧି ପୁଣିଥରେ ବୃଦ୍ଧି କରାଯାଇଛି । ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଇଚ୍ଛୁକ

ଛାତ୍ରଛାତ୍ରୀମାନେ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ସାମ୍ସ ୱେବ୍ସାଇଟ୍ରେ ନାମଲେଖା ପାଇଁ ଆବେଦନ କରିପାରିବେ । ସୂଚନାଯୋଗ୍ୟ ଚଳିତମାସ ୧୨ ତାରିଖରୁ ଆରମ୍ଭ ହୋଇଥିବା ନାମଲେଖା ପ୍ରକ୍ରିୟାର ଅବଧି ଗତ ସୋମବାର ୨୬ତାରିଖ ଶେଷ ଦିନ ଥିଲା ।

## ନୂଆ ଏନ୍ଏସି

ଓଡ଼ିଶା ପୌର ଅଧିନିୟମ ୧୯୫୦ର ଅନୁସାରେ ରାଜ୍ୟରେ ୫୭ଟି ଏନ୍ଏସି ଓ ୬ଟି ମ୍ୟୁନିସିପାଲଟି ଗଠନ ପାଇଁ ରାଜ୍ୟ ଗୃହନିର୍ମାଣ ଓ ପୌର ଉନ୍ନୟନ ବିଭାଗ ପକ୍ଷରୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ପ୍ରସ୍ତାବ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । ତଥ୍ୟ  ହସ୍ତଗତ ହେବାପରେ ସରକାର ନୂଆ ଏନ୍ଏସି ଏବଂ ମ୍ୟୁନିସିପାଲଟି ଗଠନ ସମ୍ପର୍କିତ ନିଷ୍ପତ୍ତି ନେବେ ବୋଲି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବିଧାନସଭାରେ କହିଛନ୍ତି ।

## ଇଏସ୍ଆଇ ହସ୍ପିଟାଲ

ଶ୍ରମିକମାନଙ୍କର ବୃଦ୍ଧି ପାଉଥିବା ସଂଖ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଯାଜପୁର, ଝାରସୁଗୁଡା, ବାଲେଶ୍ୱର, ବ୍ରହ୍ମପୁର, ପାରାଦ୍ୱୀପ ଏବଂ ଭୁବନେଶ୍ୱରରେ ଆଉ ୬ଟି ଇଏସ୍ଆଇ ହସ୍ପିଟାଲ ଖୋଲିବା ପାଇଁ ମଞ୍ଜୁରୀ ଦେଇଛନ୍ତି । ରାଜ୍ୟରେ ବର୍ତ୍ତମାନ ଭୁବନେଶ୍ୱର, ଚୌଦ୍ୱାର, ସୁନ୍ଦରଗଡ, ପୁରୀଠାରେ ୪ଟି ଇଏସ୍ଆଇ ହସ୍ପିଟାଲ ରହିଛି । କେନ୍ଦ୍ର ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗ ପକ୍ଷରୁ ଅନୁଗୁଳ ଓ ରାଉରକେଲାଠାରେ ୨ଟି ଇଏସ୍ଆଇ ମଡେଲ ହସ୍ପିଟାଲ ରହିଛି ।

# ଶିକ୍ଷକ ପୁରସ୍କାର

ଚଳିତ ବର୍ଷ ଜାତୀୟ ଶିକ୍ଷକ ପୁରସ୍କାର ପାଇବା ପାଇଁ ଓଡ଼ିଶାର ଦୁଇଜଣ ଶିକ୍ଷକ ମନୋନୀତ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲା ନର୍ଲା ଜୟଦୁର୍ଗା ହାଇସ୍କୁଲର ଶିକ୍ଷକ ସନ୍ତୋଷ କୁମାର କର ଏବଂ ରାୟଗଡା ଜିଲ୍ଲା ବିଲେସୁସ୍ଥିତ ସରକାରୀ ହାଇସ୍କୁଲ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଜାତୀୟ ଶିକ୍ଷକ ପୁରସ୍କାର ପାଇବେ । ଗୁରୁଦିବସ ଅବସରରେ ଆସନ୍ତା ମାସ ସେପ୍ଟେମ୍ବର ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକମାନଙ୍କୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ।

## ପାଣିପାଗ

କେନ୍ଦ୍ରୀୟ ଓ ଉତ୍ତର ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ ଆସନ୍ତାକାଲି ସୃଷ୍ଟି ହେବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବ । କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି ଓ ଗଞ୍ଜାମ ଜିଲ୍ଲାର କେତେକ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।